# <u>ପ୍ରାପକ ବିହୀନ ପତ୍ର</u>



**ଦେବୀଲାଲ ରଥ**

ହଁ, ଆପଣ ଠିକ୍ ପଢିଛନ୍ତି।  ଏ ପତ୍ରର ପ୍ରେରକ ଯଦିଓ ମୁଁ ନିଜେ, ତେବେ ଉଚିତ୍ ପ୍ରାପକ ଚିହ୍ନଟ କରିପାରୁ ନାହିଁ। ଆଶା କରୁଛି ଆପଣମାନଙ୍କ ଜରିଆରେ  ଏ ପତ୍ରଟି ଉଚିତ୍ ପ୍ରାପକର ଠିକଣା ଅବଶ୍ୟ ପ୍ରାପ୍ତ କରିବ, ଅନ୍ତତଃ ଏ ମନୁଷ୍ୟ ଜାତି ଧ୍ୱଂସ ପାଇବା ପୂର୍ବରୁ ....

ଘଟଣାଟି ଯଦିଓ ଚାରିଛଅ ମାସତଳର ପୁରୁଣା, ତଥାପି ସେଦିନଠାରୁ ଆଜି ପର୍ଯ୍ୟନ୍ତ ପ୍ରତ୍ୟେକ ରାତ୍ରିର କିଛି ଗୁରୁତ୍ୱପୂର୍ଣ୍ଣ ପ୍ରହରକୁ ମୋର ଛଡ଼ାଇ ନେଉଛି ସେ ଏବଂ କାହାର ଅଦୃଶ୍ୟ ପ୍ରରୋଚନାରେ ସତେ ଯେମିତି ମୁଁ ବାରମ୍ବାର ବାଧ୍ୟ ହେଉଛି ସେ ଦିନ ଘଟଣାଟିର ପୁନଃ ମାନସ ମନ୍ଥନ କରିବା ପାଇଁ।

ଜାନୁଆରୀ ମାସ ପ୍ରଥମ ସପ୍ତାହର  ଏକ ଅପ୍ରାକୃତିକ ସକାଳ। ଉଦିତ ଭାସ୍କରର ଉଷୁମ କିରଣ ପ୍ରତିବଦଳରେ ଆକାଶରେ ପ୍ରମତ ମେଘର ବିମୁଗ୍ଧ ବିଳାସ। ଘନ ମେଘ ଛାୟାରେ ସଂଗୋପିତ ସୂର୍ଯ୍ୟ, ଦିବସର ପ୍ରାରମ୍ଭରେ ସୃଷ୍ଟି କରୁଥାଏ ରାତ୍ରିର ଭ୍ରମ। ପଷମ ବସ୍ତ୍ର ଖଣ୍ଡିକର ସୀମିତ ଉଷ୍ମତାକୁ ପାଥେୟ କରି କୌଣସି ଏକ ଜରୁରୀ କାର୍ଯ୍ୟରେ ମୁଁ ଭୁବନେଶ୍ୱରରୁ ରାଉର୍କେଲା ଅଭିମୁଖେ ବାହାରିଥାଏ ଟ୍ରେନ୍‌ରେ। ହଁ ଟ୍ରେନ୍, କାହା ଭାଷାରେ ଲୌହ ଦାନବ ତ କେହି କେହି ତାକୁ ବାଷ୍ପୀୟ ବା ଯାନ୍ତ୍ରୀକ ଶକଟ କହିଥାନ୍ତି, କିନ୍ତୁ ମୋ ପାଇଁ, ପୁସ୍ତକ ପଠନର ଅଭ୍ୟାସକୁ ଚରିତାର୍ଥ କରିବା ପାଇଁ ସର୍ବୋତ୍କୃଷ୍ଟ ସ୍ଥାନ। ବିଶ୍ୱାସ କରନ୍ତୁ ଟ୍ରେନ୍‌ରେ ବହି ପଢ଼ିବାର ମଜା ନିଆରା, ତତ୍ ସହିତ ଗନ୍ତବ୍ୟ ସମୟକୁ ସହଜ ଏବଂ କମ୍ କରିଦେଲା ପରି ପ୍ରତୀୟମାନ ହୁଏ। ହାତରେ ମୋର ଥାଏ ଶୈବ, ଶାକ୍ତ ଓ ବୈଷ୍ଣବ ଧର୍ମର ଇଷ୍ଟ ଦେବତା ଜଗତର ନାଥ ଜଗନ୍ନାଥଙ୍କର ଅଲୌକିକ ଲିଳା ଉପରେ ଆଧାରିତ ପୁସ୍ତିକାଟିଏ। ପୁସ୍ତିକା ତ ନୁହେଁ, ସାରା ବିଶ୍ୱ ମାନବ କଲ୍ୟାଣ ପାଇଁ ନିଷ୍ଠୁର ସତ୍ୟ ଓ ଚେତନାର ଲିଖୁଣିଟାଏ ସତେ।

ପୃଷ୍ଠା ପରେ ପୃଷ୍ଠା ଓଲଟାଇ ଆସ୍ୱାଦନ କରିଚାଲିଥାଏ ଜଗନ୍ନାଥ ଧର୍ମର ଅମୃତ ମଣୋହୀକୁ ଅତି ଗର୍ବର ସହ ...। ଜଗନ୍ନାଥ ହେଉଛନ୍ତି ସାରା ବିଶ୍ୱର ବଡ଼ ଠାକୁର, ମହୋଦଧି କୂଳରେ ନୀଳଶୈଳ ଉପରେ ଶ୍ରୀ ମନ୍ଦିର ବା ବଡ଼ ଦେଉଳରେ ବିରାଜିତ, ସବୁଠାରୁ ବଡ଼ ନେତ ପତିତପାବନ ଯାହାର ଦର୍ଶନ ମାତ୍ରେ ପତିତ ଜନ ଉଦ୍ଧାର ପାଇଥାଏ ସମସ୍ତ ଦୁଃଖ କଷ୍ଟରୁ, ଷାଠିଏ ପଉଠି ଭୋଗ, ବାରମାସେ ତେର ଜାତ, ରଥଯାତ୍ରା ପରି ଅପୂର୍ବ ମାନବୀୟ ଲୀଳା ଖେଳା, ରତ୍ନ ସିଂହାସନ, ସୁନାବେଶ, କୋଟି କୋଟି ଜାତୀୟ ତଥା ଆର୍ନ୍ତଜାତୀୟ ଭକ୍ତଗଣ। ଦର୍ଶନ ନିମିତ ସ୍ୱତନ୍ତ୍ର ଟ୍ରେନ, ୱେବସାଇଟ୍, ସୁପରିଚାଳନା ଓ ଅଭୁତପୂର୍ବ ସୁରକ୍ଷା ଏମିତି ଅନେକ କିଛି ସ୍ଥାନିତ ହୋଇଥାଏ ଉକ୍ତ ପୁସ୍ତକର  ଅତି ଚମତ୍କାର ଢ଼ଙ୍ଗରେ।

ବେଶ୍ କିଛି ପୃଷ୍ଠା ପଢୁ ପଢୁ ହଠାତ୍ ମନ ମୋର ଖୁସି ହେବା ପରିବର୍ତେ ବିଦ୍ରୋହ କରି ଉଠିଲା।  ନାଁ, ଜଗନ୍ନାଥଙ୍କ ଉପରେ ନୁହେଁ, ହୁଏତ ସେ ଲେଖକଙ୍କ ଉପରେ, ନାଁ ନାଁ ତା ବି ନୁହେଁ, ବରଂ ସମଗ୍ର ମନୁଷ୍ୟ ଜାତି  ବିରୁଦ୍ଧରେ। କାରଣ ମୁଁ ବୋଧେ ମୋ ନିଜ ଅଜ୍ଞାତରେ ଖୋଜି ଚାଲିଥିଲି ସ୍ୱର୍ଣ୍ଣ ଅକ୍ଷର ଖଚିତ ମୋ ଗାଁର ନାଁ। ଯେଉଁଠୁ ଆରମ୍ଭ ହୋଇଥିଲା ଜଗନ୍ନାଥ ଇତିହାସର ପ୍ରଥମ ଫର୍ଦ୍ଦ। ନିରାଶାର ବାଦଲ ଯେମିତି ମୋର ସାରା ଦେହ ଓ ମନକୁ ଭାରାକ୍ରାନ୍ତ କରିଦେଲା। କାହିଁ କେହିତ ଜଗନ୍ନାଥଙ୍କ ଉତ୍ପତି ସ୍ଥଳକୁ ମନେପକାଉନାହାଁନ୍ତି। ଓଃ ଏମାନେ ପରା ଆଜିର ବିଜ୍ଞାନ ଯୁଗର ଯାନ୍ତ୍ରୀକ ଓ ଅତ୍ୟାଧୁନିକ ମାନବ। ଇତିହାସରେ ଏମାନଙ୍କର ରୁଚି ନାହିଁ। ସେଥି ପାଇଁ ବୋଧେ ଉକ୍ତ ବହିର ଲେଖକ ଜଗନ୍ନାଥ ଇତିହାସ ଉପରେ ଆଲୋକପାତ ନକରିବା ପାଇଁ ଯଥେଷ୍ଟ ଯତ୍ନ ଦେଖାଇଛନ୍ତି। କାହିଁକି ଏମାନେ ଜଗନ୍ନାଥଙ୍କ ଉତ୍ପତିସ୍ଥଳ କଂଟିଲୋ ତଥା ପ୍ରଭୁ ଶ୍ରୀ ନୀଳମାଧବଙ୍କୁ ଭୁଲି ଯାଇଛନ୍ତି ଅବା ଭୁଲି ଯିବାର ବାହାନା କରୁଛନ୍ତି। ଆମେ ଆଜି ଯେଉଁ ଜଗନ୍ନାଥ ସଂସ୍କୃତିର ମହାଦ୍ରୁମ ଉପରେ ବିରାଜମାନ, କେମିତି ଭୁଲିଯାଇ ପାରିବ ତାହାର ମୂଳ ଯେ ପ୍ରଭୁ ନୀଳମାଧବ ଯେ କି ଅବହେଳିତ, ନିଷ୍ପେସିତ ଓ ଏକାନ୍ତ ହୋଇ ପଡ଼ିରହିଛନ୍ତି ଓଡ଼ିଶା ମାନଚିତ୍ରର କେଉଁ  ଏକ ଅଭିଶପ୍ତ ଅନୁକୋଣରେ।

ଜନ୍ମଭୂମୀର ପ୍ରେମ, ମନ ଭିତରେ କ୍ରାନ୍ତିର ବହ୍ନିକୁ ଆହୁରି ତେଜିୟାନ କରିଦେଉଥାଏ। ସତରେ କଣ ଇତିହାସ ପୃଷ୍ଠାରୁ ନୀଳମାଧବରୂପି **ଅଧ୍ୟାୟର** ଯବନିକା ଘଟିବ। ନୟାଗଡ଼ ଜିଲ୍ଲା ଆକାଶର ସବୁଠାରୁ ଉଜ୍ଜ୍ୱଳତମ ନକ୍ଷତ୍ର କଣ  ହରାଇବସିବ ତାର ଜାଜ୍ୱଲ୍ୟତା। ନୀଳମାଧବ ବ୍ୟତିରେକ କଂଟିଲୋ କଣ ମହାନଦୀ, ବିହଙ୍ଗମ ଦୃଶ୍ୟ ଓ କଂସାପିତଳ ପାଇଁ ନିଜର ସ୍ୱତନ୍ତ୍ରତା ବଜାଇ ରଖିବା ପାରିବ।  ଆମେମାନେ ଆଜି ନଦୀର ତରଙ୍ଗାଇତ,  ଗୁଣୁ ଗୁଣୁ ତାନରେ ବହି ଯାଉଥିବା ଶିତଳ ଜଳ ଅପେକ୍ଷା ସୁଇମିଙ୍ଗପୁଲକୁ ଅଧିକ ପସନ୍ଦ କରୁ, ଟେଲିଭିଜନରେ ଅର୍ଦ୍ଧନଗ୍ନ ଫଟୋ, ଆମ ବିହଙ୍ଗମ ଦୃଶ୍ୟର ଖୁସିଠାରୁ ହଜାର ଗୁଣ ଅଧିକ ବୋଲି ଧରି ନେଇଛୁ, ଆଉ ବାକି ରହିଲା କୁଶଳୀ ଶିଳ୍ପୀ ମାନଙ୍କର ହସ୍ତ ନିର୍ମିତ କଂସା ପିତଳର ଅତୁଳନୀୟ କାରିଗରୀ ତା ମଧ୍ୟ ଆଜିର ପ୍ଲାଷ୍ଟିକ ଓ ଆଲୁମିନିୟମ ଯୁଗରେ ଡ଼ାଇନୋସର ପରି ବିଲୁପ୍ତିର ପାଦ ଦେଶରେ ଉପନୀତ। ହେ ପ୍ରଭୁ! ନୀଳମାଧବ ଆମକୁ ସତ୍ ବୁଦ୍ଧି ଦିଅ ଏ ବସ୍ତୁବାଦୀ ଦୁନିଆରେ ତୁମକୁ ମନେ ପକାଇବା ପାଇଁ ତୁମକୁ ପୁଣିଥରେ ଆବିର୍ଭାବ ହେବାପାଇଁ ପଡ଼ିଲେ ତା ମଧ୍ୟ କର।

ମୋ ଜନ୍ମଭୂମୀର ଏଭଳି ଏକ ଆସନ୍ନ, ଦୂରାରୋଗ୍ୟ ଭବିଷ୍ୟତ ଓ ସତା ବିଷୟରେ ଚିନ୍ତା କରୁ କରୁ ବୋଧେ କିଛି ସମୟ ପାଇଁ ମୁଁ ହଜିଯାଇଥିଲି ମୋ ଗାଁର ସେଇ ବିକଳାଙ୍ଗ ରୂପ କଳ୍ପନାରେ। ହଠାତ୍ କାହାର ଉପସ୍ଥିତି ମୋତେ ଲକ୍ଷ୍ୟଚ୍ୟୁତ କରାଇଲା। ପ୍ରକୃତିସ୍ଥ ହୋଇ ଦେଖିଲି ସମ୍ମୁଖ ସିଟ୍‌ରେ ବସିଛନ୍ତି ଜଣେ ବୃଦ୍ଧ ଓ ଅନିନ୍ଦ୍ୟ ସୁନ୍ଦରୀ ତରୁଣୀ ଜଣେ। ବୋଧ ହୁଏ ବାପ  ଝିଅ। ଆଧାତ୍ମିକ ଚିନ୍ତନଗୁଡ଼ିକ ମୋର ସତେ ଯେପରି ଅପସରି ଗଲା ସେହି ସୁନ୍ଦରୀ ତରୁଣୀର ମୁଖ ଆଭା ଦର୍ଶନରେ। ତାଜମହଲର ଚଟାଣ ପରି ବେଦାଗ, ମସୃଣ ମୁଖମଣ୍ଡଳ, ତନ୍ମଧ୍ୟରେ ପରିସ୍ଫୁଟିତ କମଳ ପାଖୁଡ଼ା ଓଠ, ମୃଗ ନୟନା.......



କିନ୍ତୁ ଏକଣ! ଚମକି ପଡ଼ିଲି ମୁଁ – ଏତେ ସୁନ୍ଦର ନୟନ ଯୁଗଳରେ ମୋତି ପରି ଚକ୍ ଚକ୍ କରି ବାହାରକୁ ଝରି ଆସିବା ପାଇଁ ବିଦ୍ରୋହ କରୁଥିବା ଦୁଇ ଟୋପା ଲୁହ। କୌଣସି ମତେ ନିଜକୁ ସମ୍ଭାଳି ନେଇଥିଲା ବୋଧେ। ପାଖରେ ଥିବା ବୃଦ୍ଧ ଜଣଙ୍କ ସର୍ବହରା ଦୁଖିଟିଏ ପରି ଜଣାପଡୁଥାନ୍ତି। କିନ୍ତୁ ବେଶ ପରିପାଟିରୁ ସେ ଯେ ଶିକ୍ଷିତ ସେଥିରେ ମୋର ସନ୍ଦେହ ନଥିଲା। ଆଧାତ୍ମିକତା ଓ ଜନ୍ମଭୂମୀର ପ୍ରେମକୁ ପଦାଘାତ କରି କିଶୋର ସୁଲଭ ଗୁଣ ମୋର ଉଙ୍କିମାରିବା ଆରମ୍ଭ କରିସାରିଥାଏ। ଏତେ ସୁନ୍ଦରୀ ଅପ୍ସରି ପ୍ରତିମ ଲଳନାଙ୍କୁ ସମ୍ମୁଖରେ ପାଇ ନିଜକୁ ଗୌରବାନିତ ତଥା ଭାଗ୍ୟବାନ୍ ମନେ କରୁ କରୁ ଦୁଇତିନି ଘଂଟା ବିତିଗଲା। କି ଆଶ୍ଚର୍ଯ୍ୟ! ବାପ ଝିଅ ବସି ରହିଛନ୍ତି, ସତେ ଯେମିତି ମିଶର ପିରାମିଡ଼୍‌ର ଦୁଇଟି ମମି ? ନୀରବ ନିଶ୍ଚଳ, ମୁଖ ମଣ୍ଡଳରେ ଦୁଃଖ ଓ ହତାଶାର ରେଖା ସ୍ପଷ୍ଟ ଅନୁମେୟ। ନାଁ ଆଉ ନୁହେଁ, ଏହାର କାରଣ ଜାଣିବା ପାଇ ମୁଁ ଯେମିତି ସ୍ୱତଃ ନିଯୁକ୍ତ ଅନୁସନ୍ଧିତ୍ସୁ ଡ଼ିଟେକ୍‌ଟିଭ୍ ପାଲଟି ଯାଇଥାଏ।

ଭୃକୁଂଚନ କରି ବୃଦ୍ଧଙ୍କୁ ପ୍ରଶ୍ନ କଲି ମଉସା କୁଆଡ଼େ ଯିବେ ? ସମ୍ବଲପୁର – ଝିଅଟି  ଉତର ଦେଲା। ଆହା କି ମଧୁର ସ୍ୱର, ସ୍ୱର ନୁହେଁତ ସତେ ଅବା ବାଗ୍‌ଦେବୀଙ୍କ ବୀଣାର ଅଷ୍ଟମ ତାନ! କିନ୍ତୁ ପ୍ରଶ୍ନ ଯେ ମୁଁ ବୃଦ୍ଧଙ୍କୁ କରିଥିଲି, ସେ ପୁରାପୁରି ଚୁପ୍ ହୋଇ ବସିଛନ୍ତି। ସେ ଯାହାବି ହେଉ ମୁଁ ତ ପ୍ରକୃତରେ ଏ ମହିୟସୀଙ୍କ ସାଙ୍ଗରେ କଥା ହେବା ପାଇଁ ଚାହୁଁଥିଲି। ମୁଁ ପୁଣି ପ୍ରଶ୍ନ କଲି, ଏଥର କିନ୍ତୁ ତରୁଣୀଙ୍କ ଉଦ୍ଦେଶ୍ୟରେ – କଣ ନିଜ ଘର ସେଠି ନା କୌଣସି ବନ୍ଧୁଙ୍କ...

ନର୍କକୁ-

ମହାଦେବଙ୍କ ଡ଼ମ୍ବରୁ ଗର୍ଜନ କରିବା ଭଳି ଗର୍ଜିଉଠିଲେ ବୃଦ୍ଧ ଜଣଙ୍କ। ଚମକି ପଡ଼ିଲି ମୁଁ। କି ରୁକ୍ଷତା ସେ କଣ୍ଠ ସ୍ୱରରେ। ବୋଧେ ମୋ ବୟସର ପୁଅ ତାଙ୍କ ଝିଅ ସହିତ କଥା ହେବାଟା ତାଙ୍କର ପସନ୍ଦ ନଥିଲା। ନାଁ ନାଁ ସେ ଦୁଃଖ କିମ୍ବା ରାଗରେ କହି ଦେଇଛନ୍ତି ବୋଧେ। କାରଣଟା ପ୍ରକୃତରେ କଣ ଠଉରାଇ ନପାରିଲେ ମଧ୍ୟ, କଥା ହେବା ତ ଦୂରର କଥା ସେ ଦୁହିଁଙ୍କ ଆଡ଼କୁ

ଚାହିଁବାର ସାହାସ ଆଉ ମୋର ହେଲାନି। ବୀଣାର ତାନ ଓ ଡ଼ମ୍ବରୁ ଗର୍ଜନକୁ ବିଶ୍ଳେଷଣ କରୁ କରୁ ସମ୍ବଲପୁର ଷ୍ଟେସନ ପାଖେଇ ଆସିଥାଏ। ମୁଁ ମନ ଓ ବିବେକ ମଧ୍ୟରେ ଲାଗିଥିବା ଯୁଦ୍ଧକୁ ଏଡ଼ାଇ ସେମାନେ ବସିଥିବା ସିଟ୍ ଆଡ଼କୁ ଚାହିଁ ଦେଖେତ ବୃଦ୍ଧ ଓ ତରୁଣୀ ଜଣଙ୍କ ଲୋତକ ଜର୍ଜରିତ ପ୍ରସ୍ଥାନ ପାଇଁ ଉଦ୍ୟତ। ଯନ୍ତ୍ରବତ୍ ମୋ ପାଟିରୁ ବାହାରି ଆସିଲା ମଉସା କଣ ଏଇଠି ଓହ୍ଲେଇବେ...!

ତତ୍ ପଶ୍ଚାତ୍ ଯେଉଁ ଘଟଣା ଘଟିଲା ତାହା ମୋ ଜୀବନର ଏକ ଅବିସ୍ମରଣୀୟ ଘଟଣା ହୋଇ ରହିବ ନିଃସନ୍ଦେହରେ। କିଛି ବୁଝିବା ଆଗରୁ ବୃଦ୍ଧ ଜଣଙ୍କ ମୋ ହାତ ଧରି ଛୋଟ ଶିଶୁ ସଦୃଶ କଇଁ କଇଁ ହୋଇ କାନ୍ଦି ଉଠିଲେ। ଉତୁଙ୍ଗ ହିମାଳୟରୁ ଚିର ସ୍ରୋତସ୍ୱିନୀ ବୋହିଗଲା ପରି ଅବିରତ ଭାବରେ ଲହୁ ଯେମିତି ଲୁହ ହୋଇଯାଇ ବୃଦ୍ଧଙ୍କ ଚକ୍ଷୁ କୋରଡ଼ରୁ ନିର୍ଗତ ହୋଇ ଭିଜାଇ ଦେଉଥିଲା ତାଙ୍କୁ। ବାଷ୍ପରୁଦ୍ଧ କୋହଭରା କଣ୍ଠରେ କହିବାକୁ ଲାଗିଲେ..

ମୋର ତୁମରି ପରି ଦୁଇ ପୁଅ ଓ ଗୋଟିଏ ଝିଅ। ସରକାରୀ ଶିକ୍ଷକ ରୂପେ ଥିବା ଖ୍ୟାତି, ଜୀବନ ବ୍ୟାପି ସଂଚିତ ସମସ୍ତ ସମ୍ବଳ, ଗାଁ ଭିଟାମାଟି, ଜମିବାଡ଼ିକୁ, ମୋର ଦୁଇ ପୁଅଙ୍କର ଶିକ୍ଷା ବାବଦକୁ ବ୍ୟୟ କରିବା ପାଇଁ ଜମାରୁ କୁଣ୍ଠିତ ହୋଇ ନଥିଲି। ମା ଛେଉଣ୍ଡପିଲାମାନଙ୍କ ପାଇଁ ଉଭୟ ପିତାମାତା ସାଜି ଦୁନିଆର ସବୁ ସୁଖ ଦେବା ପାଇଁ ଯଥା ସମ୍ଭବ ଚେଷ୍ଟା କରିଥିଲି। ହାୟରେ ମୋ ଭାଗ୍ୟ। ଆଉ ତାର ପରିଣାମ ସ୍ୱରୂପ ମୋତେ ଆଜି ବୃଦ୍ଧାଶ୍ରମ ଯିବାକୁ ପଡୁଛି।

ଆଉ ତୁମ ଦୁଇ ପୁଅ ? ମୁଁ ପ୍ରଶ୍ନ କଲି।

ଘୃଣା ଜର୍ଜରିତ ବୃଦ୍ଧ ଏକା ନିଃଶ୍ୱାସରେ କହିଚାଲିଲେ, ଜଣେ ବିଦେଶରେ ନାଗରିକତ୍ୱ ଗ୍ରହଣ କରି ସେଇଠାରେ ରହୁଛି। ଆଉ ଜଣେ ଏଇଠି ଏଇ ଓଡ଼ିଶାରେ ଆଇ.ଏ.ଏସ୍. ପାଇ ଏବେ କଲେକ୍ଟର ହେଇଛି। ଦୁଇଜଣଙ୍କ ପାଇଁ ମୁଁ ବିତିଯାଇଥିବା ବର୍ଷର କ୍ୟାଲେଣ୍ଡର ପରି ଅଖୋଜା ଅଲୋଡ଼ା, ବୋଝ୍ ପାଲଟି ଯାଇଛି ସେମାନଙ୍କ ପାଇଁ ଯୋଉମାନେ ଦିନେ ମୋତେ କାନ୍ଧ ଦେବେ ବୋଲି ଭାବିଥିଲି। ଶାଶୁ, ଶ୍ୱଶୁର ରୂପରେ ନୂଆ ପିତାମାତା ମିଳିଗଲା ପରେ ସେମାନେ ମୋତେ ଭୁଲି ଯାଇଛନ୍ତି ପରା। ନୂଆ ଘର (ସରକାରୀ କ୍ୱାଟର), ସ୍ତ୍ରୀ, ଶାଶୁ, ଶ୍ୱଶୁର, ଟଙ୍କା, ସହରର ଚାକଚକ୍ୟ ଓ ମସୃଣ ଗାଲିଚା ଭୁଲାଇ ଦେଇଛି ତାଙ୍କୁ ଗାଁରେ ମହାଜନ ପାଖରେ ଆଜିବି ବନ୍ଧକ ପଡ଼ିଥିବା ଚଉଦ ପୁରୁଷର ଭିଟାମାଟିକୁ। ମନ୍ଦିରରେ ଭିଖାରୀମାନଙ୍କୁ ଅନ୍ନଛତ୍ର ଓ ପୋଷାକ ବାଂଟିବା ପାଇଁ ଯଥେଷ୍ଟ ସମୟ ଓ ସମ୍ବଳ ଅଛି ଅଥଚ ବଢ଼ିଲା ଭଉଣୀ ଓ ବୁଢ଼ା ବାପର ପେଟ ପାଇଁ ଦିମୁଠା ଦାନା ଓ ଖଣ୍ଡିଏ କନା ଦେବା ପାଇଁ ଲାଜ ଲାଗୁଛି ଅବା ଭୁଲି ଯାଇଛନ୍ତି। ବୃଦ୍ଧଙ୍କର ଅସରନ୍ତି କଥା ଓ ଅବିଶ୍ରାମ ବହିଯାଉଥିବା ଲୁହରେ ପୂର୍ଣ୍ଣଚ୍ଛେଦ ପକାଇ, ଯୁବତୀ ଜଣଙ୍କ ଷ୍ଟେସନ ପହଂଚିବାର ସୁଚନା ଦେଲେ-ଚାଲନ୍ତୁ ବାପା ଓହ୍ଲାଇବା।

“କହୁ କହୁ ଭୁଲରେ ତୁମ ଉପରେ ରାଗିଗଲି। ପାରିବ ଯଦି ମୋତେ କ୍ଷମା କରିଦେବ”। ଏହା ଥିଲା ବୃଦ୍ଧଙ୍କର ମୋ ଉଦ୍ଦେଶ୍ୟରେ ଶେଷବାକ୍ୟ। ଉଭୟ ବିଦାୟ ନେଇ ଆଗେଇ ଚାଲିଲେ କେଉଁ ଏକ ଅଜଣା ଅଭୟାରଣ୍ୟକୁ।

ଷ୍ଟେସନର ଡ଼ାକବାଜି ଯନ୍ତ୍ରରୁ ରାଉରକେଲା ଶୁଭିଲା ପରି ଲାଗିଲା। ମୁଁ ବିଶ୍ୱାସ କରି ପାରୁନଥିଲିଯେ ମୁଁ ପହଂଚି ସାରିଛି ମୋର ଗନ୍ତବ୍ୟ ସ୍ଥଳରେ। କେତେବେଳେ ପହଁଚିଲି, କେମିତି ପହଁଚିଲି, ମୁଁ ତ ଏବେ ଏବେ ସେ ଦୁହିଁଙ୍କୁ ବିଦାୟ ଦେଲି। ମୁଁ କଣ ସତରେ ଶୋଇ ପଡ଼ିଥିଲି, କାଇଁ ନା ତ ତାହା ହେଲେ କିଛି ଭାବି ଭାବି ସମୟ ଚାଲିଗଲା ବୋଧେ। କିନ୍ତୁ ମୁଁ ଭାବୁଥିଲି କଣ ?

ଷ୍ଟେସନରୁ ବାହାରକୁ ବାହାରୁ ବାହାରୁ, ହାଲୁସିନେସନ୍ (Hallucination) ରୋଗୀ ଭଳି ଆକାଶକୁ ଅନାଇ ପ୍ରଗଲ୍ଭ ପରି କହି ଚାଲିଥାଏ।

ହେ ପ୍ରଭୁ ନୀଳମାଧବ, ମୁଁ କିଛି ସମୟ ପୂର୍ବେ ଦୁଃଖ କରୁଥିଲି ଯେ, ଆଜିର ଲୋକମାନେ ତୁମକୁ ଭୁଲି ଯାଇଛନ୍ତି କିନ୍ତୁ ଏବେ ଜାଣି ପାରୁଛି, ଯେଉଁମାନେ ନିଜର ଜନ୍ମଦାତାଙ୍କୁ, ନିଜର ଚଳନ୍ତି ଠାକୁରଙ୍କୁ ଭୁଲି ଯାଇ ପାରୁଛନ୍ତି, ସେମାନଙ୍କ ତଥାକଥିତ ବ୍ୟସ୍ତ ବହୁଳ ଜୀବନଚର୍ଯ୍ୟା ଭିତରେ, ତୁମ ପାଇଁ ତାଙ୍କ ପାଖରେ ସମୟ ଓ ସ୍ଥାନ କାହିଁ! ସେମାନେ ଆଜି ତୁମକୁ ଭୁଲିଯାଇଛନ୍ତି କାଲି ଜଗନ୍ନାଥଙ୍କୁ ବି ଭୁଲିଯିବେ। ପ୍ରକୃତରେ ଏ ସ୍ୱାର୍ଥପର ଜୀବକୁ ସୃଷ୍ଟି କରି ତୁମେ ନିଶ୍ଚୟ ପଶ୍ଚାତାପ୍ କରୁଥିବ। ବୃଦ୍ଧାଶ୍ରମରେ ରହିବା ଆଗରୁ, ତୁମେ ବରଂ କିଛିଦିନ ପର୍ଯ୍ୟନ୍ତ ଲୁଚିଯାଅ ପ୍ରଭୁ, ଅନ୍ତତଃ ଏ ମାନବ ସମାଜ ଲୋପ ପାଇ ନୂତନ ଏକ ସୂର୍ଯ୍ୟୋଦୟ, ନୂତନ ଏକ ସଭ୍ୟ ମାନବ ସମାଜର ପୁର୍ନଗଠନ ପର୍ଯ୍ୟନ୍ତ...